ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/Electronics & IT/(Od)/454/31-07-2025**

## ସମନ୍ୱିତ ଗ୍ଲୋବାଲ୍ ଫାଇନାନ୍ସିଆଲ୍ ଟେକ୍ନୋଲୋଜି କ୍ଷମତା ହବ୍ (I-GFTCH) ର ଆନୁଷ୍ଠାନିକ ଶୁଭାରମ୍ଭ ଘୋଷଣା

## ବିଶ୍ୱ ସ୍ତରରେ ଡିଜିଟାଲ୍ ପ୍ରତିଭାର କେନ୍ଦ୍ର ଭାବରେ ଓଡ଼ିଶାର ଭୂମିକାକୁ ସୁଦୃଢ଼ କରିବ

: ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ

## ଏହି ସହଭାଗିତା ଓଡ଼ିଶାକୁ ଡିଜିଟାଲ୍ ଦକ୍ଷତାର ବିଶ୍ୱ ମାନଚିତ୍ରରେ ସ୍ଥାନିତ କରିଛି

: ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ

ଭୁବନେଶ୍ୱର, ୩୧-୦୭-୨୦୨୫

ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗ ସହିତ ଗ୍ଲୋବାଲ୍ ଫାଇନାନ୍ସ ଆଣ୍ଡ ଟେକ୍ନୋଲୋଜି ନେଟୱାର୍କ (GFTN) ସହଭାଗିତାରେ ସମନ୍ୱିତ ଗ୍ଲୋବାଲ୍ ଫାଇନାନ୍ସିଆଲ୍ ଟେକ୍ନୋଲୋଜି କ୍ଷମତା ହବ୍ (I-GFTCH) ର ଆନୁଷ୍ଠାନିକ ଶୁଭାରମ୍ଭ ଘୋଷଣା କରାଯାଇଛି । ଏହି କାର୍ଯ୍ୟକ୍ରମରେ ମାନ୍ୟବର ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ, ମାନ୍ୟବର ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ପ୍ରମୁଖ ଶାସନ ସଚିବ ଶ୍ରୀ ବିଶାଲ ଦେବ, ଉଚ୍ଚଶିକ୍ଷା କମିଶନର ତଥା ସଚିବ ଶ୍ରୀ ଅରବିନ୍ଦ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ । ରାଜ୍ୟକୁ ଆର୍ଥିକ ପ୍ରଯୁକ୍ତିବିଦ୍ୟା ନବସୃଜନ ଏବଂ ଦକ୍ଷତାରେ ପ୍ରତିଷ୍ଠା କରିବା ପାଇଁ ଓଡ଼ିଶା ସରକାର ଏହି ପଦକ୍ଷେପ ଗ୍ରହଣ କରିଛନ୍ତି । ଏହି ସହଭାଗିତା ଛାତ୍ରଛାତ୍ରୀମାନଙ୍କୁ ଆନ୍ତର୍ଜାତୀୟସ୍ତରରେ ପ୍ରତିଯୋଗିତାକ୍ଷମ, ନବସୃଜନ-ନେତୃତ୍ୱାଧୀନ ଏବଂ ଆର୍ଥିକ ପ୍ରଯୁକ୍ତିବିଦ୍ୟା ବିକାଶ ପାଇଁ ଓଡ଼ିଶାର ଆଭିମୁଖ୍ୟକୁ ପ୍ରତିଫଳିତ କରୁଛି ବୋଲି ମତ ପ୍ରକାଶ କରାଯାଇଥିଲା ।

NUS(national university of ସିଙ୍ଗାପୁର ) ଭଳି ବିଶ୍ୱସ୍ତରୀୟ ପ୍ରତିଷ୍ଠାନ ସହିତ ସ୍ଥାନୀୟ ସମ୍ଭାବନାକୁ ମିଶ୍ରଣ କରି ଓଡ଼ିଶା 1.୫ ଟ୍ରିଲିୟନ ଡଲାର ବିଶ୍ୱ ଡିଜିଟାଲ୍ ଅର୍ଥନୀତିରେ ଉନ୍ନତି ପାଇଁ ଓଡ଼ିଶାର ଯୁବପିଢ଼ିଙ୍କ ଦକ୍ଷତା ବିକାଶ ଉପରେ ସରକାର ପ୍ରାଧାନ୍ୟ ଦେଉଛନ୍ତି । ଏହି କାର୍ଯ୍ୟକ୍ରମ ଦକ୍ଷ ବୃତ୍ତିଗତମାନଙ୍କୁ ନେଇ ଏକ ସଶକ୍ତ କ୍ୟାଡର ଗଠନ କରିବାରେ ସହାୟକ ହେବା ସହ ରାଜ୍ୟର ଜିଡିପି ରେ ସେମାନଙ୍କ ଦୃଢ ଅବଦାନ ରହିବ ବୋଲି ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ ପ୍ରକାଶ କରିଛନ୍ତି । ଗ୍ଲୋବାଲ୍ ଲର୍ଣ୍ଣିଂ ସହାୟତାରେ ସ୍ନାତକମାନେ ବିଶ୍ୱସ୍ତରରେ କର୍ମଶକ୍ତିରେ ଯୋଗଦାନ କରିବା ସମ୍ଭବପର ହେବ । ଏହା ଦ୍ୱାରା ଜ୍ଞାନ ଆଦାନପ୍ରଦାନ ସମ୍ଭବ ହେବା ସହ ବିଶ୍ୱସ୍ତରରେ ଡିଜିଟାଲ୍ ପ୍ରତିଭାର କେନ୍ଦ୍ର ଭାବରେ ଓଡ଼ିଶାର ଭୂମିକାକୁ ସୁଦୃଢ଼ କରିବ ବୋଲି ଓଡ଼ିଶା ସରକାରଙ୍କ ମାନ୍ୟବର ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ କହିଛନ୍ତି ।

ଏହି ସହଭାଗିତା ଓଡ଼ିଶାକୁ ଡିଜିଟାଲ୍ ଦକ୍ଷତାର ବିଶ୍ୱ ମାନଚିତ୍ରରେ ସ୍ଥାନିତ କରିଛି। ଆମେ ପ୍ରଯୁକ୍ତି ବିଦ୍ୟା ସହାୟତାରେ ପ୍ରତିଭା ନିର୍ମାଣ କରିବାକୁ ପ୍ରତିବଦ୍ଧ ଯାହା ରାଜ୍ୟର ନବସୃଜନାତ୍ମକ ଅର୍ଥନୀତିକୁ ଶକ୍ତିଶାଳୀ କରିପାରିବ ବୋଲି ଓଡ଼ିଶା ସରକାରଙ୍କ ମାନ୍ୟବର ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ମତ ପ୍ରକାଶ କରିଛନ୍ତି ।

ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗର ପ୍ରମୁଖ ସଚିବ ଶ୍ରୀ ବିଶାଳ କେ ଦେବ ସ୍ୱାଗତ ଭାଷଣ ଏବଂ ଉଚ୍ଚଶିକ୍ଷା କମିଶନର ତଥା ସଚିବ ଶ୍ରୀ ଅରବିନ୍ଦ ଅଗ୍ରୱାଲ ଧନ୍ୟବାଦ ଦେଇଥିଲେ । ଆଭାଷୀ ମାଧ୍ୟମରେ GFTN ର ଗ୍ରୁପ୍ ସିଇଓ ଶ୍ରୀ ସୋପନେନ୍ଦୁ ମହାନ୍ତି ଏବଂ GFTN ଫୋରମ୍ସର ସହ-ସିଇଓ ଜେମ୍ସ ବୋଏ ଆଭାଷୀ ମାଧ୍ୟମରେ ଉପସ୍ଥିତ ଥିଲେ ।

ସୂଚନାଯୋଗ୍ୟ ଯେ, ଭବିଷ୍ୟତ-ପ୍ରମାଣ ଆର୍ଥିକ ପ୍ରଯୁକ୍ତିବିଦ୍ୟା ଏବଂ ବୀମା ପ୍ରଯୁକ୍ତିବିଦ୍ୟା ବୃତ୍ତିଗତ ପ୍ରମାଣପତ୍ର କାର୍ଯ୍ୟକ୍ରମ ଆରମ୍ଭ କରିବା ପାଇଁ ଓଡ଼ିଶା ସିଙ୍ଗାପୁର ଜାତୀୟ ବିଶ୍ୱବିଦ୍ୟାଳୟର ଏସିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଡିଜିଟାଲ୍ ଫାଇନାନ୍ସ (NUS-AIDF) ଏବଂ GFTN ସହିତ ସହଭାଗୀତାରେ ପାଞ୍ଚ ମାସର ହାଇବ୍ରିଡ୍ ପାଠ୍ୟକ୍ରମ - ଅନଲାଇନ୍ ମଡ୍ୟୁଲ୍, ଭୁବନେଶ୍ୱରରେ ଦୁଇ ସପ୍ତାହର କ୍ୟାମ୍ପସ୍ ଅଧିବେଶନ, ଇଣ୍ଟର୍ନସିପ୍ ସୁଯୋଗକୁ ମିଶ୍ରଣ କରି - ଶିଳ୍ପ-ପ୍ରାସଙ୍ଗିକ ଏବଂ ନିଯୁକ୍ତି-ମୁଖୀ ହେବା ପାଇଁ ଡିଜାଇନ୍ କରାଯାଇଛି। ଏହି ପଦକ୍ଷେପ ଫଳରେ ସମସ୍ତ ଜିଲ୍ଲାରୁ 7,000 ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ପ୍ରଯୁକ୍ତିବିଦ୍ୟା ଏବଂ ବୀମା ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟା, ନିୟାମକ ଢାଞ୍ଚା ଏବଂ ବ୍ୟବସାୟିକ କାର୍ଯ୍ୟ ସମ୍ବନ୍ଧୀୟ ବାସ୍ତବ ବିଶେଷଜ୍ଞତା ସହିତ ସଶକ୍ତ କରିବ ।

ସରୋଜ କୁମାର ସାହୁ
ଲୋକସମ୍ପର୍କ ଅଧିକାରୀ